

ଆସ ବୁଲିଯିବା ଖଣ୍ଡଗିରି

# ବିଦାୟ ନେଲା ଧଉଳି; ଆଜି ଆସିବ ଦରବାର

## ବହି ବଦଳାଇଲା ଅଶୋକ ସମ୍ରାଟ

ଭୁବନେଶ୍ୱର, ୨୯।୧ (ସମିସ): ଖଣ୍ଡଗିରି ଯାତ୍ରା ମହାକୁମ୍ଭ ତିନି ଦିନରେ ପହଞ୍ଚିଛି। ତୃତୀୟ ରାତିରେ ଅପେରା ପାର୍ଟିଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଜୋରଦାର ଲଢ଼େଇ। ଗୁରୁବାର ରାତିରେ କୋଣାର୍କ, ସିଂହବାହିନୀ ଦର୍ଶକଙ୍କ ଆଗ୍ରହକୁ ଆଖି ଆଗରେ ରଖି ସେଇ ନାଟକକୁ ନେଇ ମଞ୍ଚସ୍ଥ କରିଥିବା ବେଳେ ସ୍ୱର୍ଣ୍ଣମହଲ ଓ ଅପେରା ଶ୍ରୀମନ୍ଦିର ଯାତ୍ରା ଲଢେଇରେ ସାମିଲ ହୋଇଛନ୍ତି। ଶେଷ ରାତିରେ ବହି ବଦଳାଇ ଧଉଳି ଗଣନାଟ୍ୟ ବିଦାୟ ନେଇଥିବା ବେଳେ ଅଶୋକ ସମ୍ରାଟ ନୂଆ ନାଟକ ପରିବେଷଣ କରିଛି। ଦୁଇ ରାତି ଧରି କୋଣାର୍କର ଦୈତାରୀ ଓ ସିଂହବାହିନୀର ପୀୟୁଷ ମଧ୍ୟରେ ଟକ୍କର ଚାଲିଥିବା ବେଳେ ଆଜିଠାରୁ ଶ୍ରୀମନ୍ଦିରର ଖଳନାୟକ କାହ୍ନା ଏହି ଲଢ଼େଇରେ ସାମିଲ ହୋଇଛନ୍ତି।

ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଅପେରା ଶ୍ରୀମନ୍ଦିର ଖଣ୍ଡଗିରି ମଇଦାନରେ ପାଦ ଥାପିଛି। ପ୍ରଥମ ରଜନୀରେ 'ଜାନୁଆର୍' ନାଟକ ଅନୁଷ୍ଠିତ ହୋଇଥିବା ବେଳେ ଅଜୁ-ଆପୁ, ଜିନୁ-ଟିକିଙ୍କ ଅଭିନୟ ସହିତ ଭେଟେରାନ ଖଳନାୟକ କାହ୍ନାଙ୍କ ଲାଗି ଦର୍ଶକଙ୍କ ଭିଡ଼ ଜମିଛି। ମା' ମଙ୍ଗଳା ପେଣ୍ଡାଲରେ ସ୍ୱର୍ଣ୍ଣ ମହଲ 'ଗୁହାରି ଶୁଣ ଦୀନବନ୍ଧୁ' ନାଟକ ମଞ୍ଚସ୍ଥ କରିଛି। ସୁବାସ-ପିଙ୍କି, ଭାବନା, ଲୁଲୁ, ନୟନ-ମାନସୀଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ନବ ଘୋଷ ଖଳନାୟକ ଭୂମିକାରେ ନଜର ଆସିଛନ୍ତି।

ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ଖେଳୁଥିବା ଯାତ୍ରା ରାଣୀ ସିଂହବାହିନୀ ଗଣନାଟ୍ୟ ତୃତୀୟ ରାତିରେ ମଧ୍ୟ ସମାନ ନାଟକ 'ତୁ ମୋ ବଜରଙ୍ଗୀ' ଦର୍ଶକଙ୍କୁ ଭେଟି ଦେଇଛି। ବବୁଲ-ପିଙ୍କି, ପୀୟୁଷ-କ୍ଷୀତିଶଙ୍କ ଅଭିନୟ ଓ ଚଗନ-ଶଶି-ଧଡ଼ିଆଙ୍କ କମେଡି ଦେଖିବାକୁ ମିଳିଥିଲା।

ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ ଲଗାତାର ତୃତୀୟ ରାତିରେ ମଧ୍ୟ 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ନାଟକ ପରିବେଷଣ କରିଛି। ଜିତୁ-ପୂଜାଙ୍କ ପ୍ରେମ କାହାଣୀ ସାଙ୍ଗକୁ ଭେଟେରାନ ତୈତୋରିଙ୍କ ଅଭିନୟ ଦେଖିବା ପାଇଁ ସାରାରାତି ଉଜାଗର ହୋଇଛନ୍ତି ଦର୍ଶକ। ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚରେ ଖେଳୁଥିବା ଅଶୋକ ସମ୍ରାଟ ତୃତୀୟ ରାତିରେ ବହି ବଦଳାଇଛି। ପପୁ ବ୍ରହ୍ମଙ୍କ ରଚିତ ଓ ରଞ୍ଜନ ବିଶ୍ୱାଳଙ୍କ ନିର୍ଦ୍ଦେଶିତ 'ସବୁ ପାପର ପ୍ରାୟଶ୍ଚିତ ନାହିଁ' ନାଟକ ଭେଟି ଦେଇଛି। ବହି ବଦଳିବା ପରେ ଯାତ୍ରା ପ୍ରେମୀଙ୍କ ଭିଡ଼ ଲାଗିଥିଲା।

ସେପଟେ ଧଉଳି ଅନ୍ତିମ ରାତିରେ ହର ବାରିକଙ୍କ ରଚିତ ଓ ନିର୍ଦ୍ଦେଶିତ 'ଚଣ୍ଡାଶୋକ' ନାଟକ ପରିବେଷଣ କରି ଖଣ୍ଡଗିରି ଛାଡ଼ିଛି। ରୁଦ୍ର, ସ୍ମରଣିକା ଓ ଖଳନାୟକ ଭୂମିକାରେ ଲକ୍ଷ୍ମୀଧରଙ୍କ ଅଭିନୟ ଦେଖିଛନ୍ତି ଦର୍ଶକ। ଧଉଳି ବିଦାୟ ନେବାପରେ ଆସନ୍ତାକାଲି ଠାରୁ ଅପେରା ରାଜ ଦରବାର ସେହି ମଞ୍ଚରେ ଯାତ୍ରା ପ୍ରତିଯୋଗିତାରେ ଭାଗ ନେବ। ପ୍ରଥମ ରାତିରେ 'ଆଖି ପଲକରେ ଖୋଜୁଛି ତତେ' ନାଟକ ପରିବେଷଣ କରିବ। ବାପି ପଣ୍ଡା, ଗୁନୁ - ମାମା, ରୂପା - ପିଣ୍ଟୁଙ୍କ ଅଭିନୟ ସହିତ ମ୍ୟାଜିକ୍ ଭିଲିଆନ୍ କୁନା (ହରେନ୍ଦ୍ର ଜେନା) ଓ ଭେଟେରାନ୍ ନୀର ସ୍ୱାଇଁଙ୍କୁ ଦେଖିବାକୁ ମିଳିବ।





### ଆଜିର କାହାଣୀ
## 'ଗୁହାରି ଶୁଣ ଦୀନବନ୍ଧୁ'

ମା ମଙ୍ଗଳା ସାଂସ୍କୃତିକ ପରିଷଦ ମଞ୍ଚରେ ସ୍ୱର୍ଣ୍ଣମହଲ ଖଣ୍ଡଗିରି ଯାତ୍ରାରେ ପାଦ ରଖିଛି। ପ୍ରଥମ ରଜନୀରେ ଡକ୍ଟର ନିହାର ମହାନ୍ତିଙ୍କ ରଚିତ ଓ ପ୍ରଶାନ୍ତ କୁମାର ନାୟକ (ବଇଆ)ଙ୍କ ନିର୍ଦ୍ଦେଶିତ 'ଗୁହାରି ଶୁଣ ଦୀନବନ୍ଧୁ' ନାଟକ ମଞ୍ଚସ୍ଥ କରିଛି। ୧୯୫୫ ମସିହା ତଥା ସ୍ୱାଧୀନତା ପରବର୍ତ୍ତୀ ସମୟର ବାସ୍ତବ ସ୍ଥିତି ଏହି ନାଟକରେ ଦେଖିବାକୁ ମିଳିଛି। ଭାରତବାସୀ ଇଂରେଜମାନଙ୍କ କବଳରୁ ମୁକ୍ତି ପାଇବା ପରେ ସାହୁକାର ଫାସରେ କିପରି ପଡ଼ିଥିଲେ ତାହା ଏହି ନାଟକର ମୂଳ ତତ୍ତ୍ୱ। ସୁବାସ, ଭାବନା ଓ ଲୁଲୁ ଭାଇ ଭଉଣୀ ହୋଇଥିବା ବେଳେ ନୟନ ମହାପାତ୍ର ଓ ମାନସୀ ବାପାମାଆ ଭୂମିକାରେ ନଜର ଆସିଛନ୍ତି। ଖଳନାୟକ ନବ ଘୋଷ ସାହୁକାର ହୋଇଥିବା ବେଳେ ସ୍ମୃତି ଓ ଝୁନା ତାଙ୍କ ଭାଇଭଉଣୀ ଚରିତ୍ରରେ ଅଭିନୟ କରୁଛନ୍ତି। ଗରିବ ପରିବାରରୁ ଆସିଥିବା ସୁବାସ ଜନ୍ମରୁ ଅନ୍ଧ। ସାନଭାଇ ଲୁଲୁଙ୍କୁ ବଡ଼ ମଣିଷ କରିବା ପାଇଁ ସାହୁକାର ନବଙ୍କ ଠାରୁ ଟଙ୍କା ଧାର୍ ଆଣନ୍ତି। ସେହି ଟଙ୍କାରେ ପାଠ ପଢ଼ି ଲୁଲୁ ଡାକ୍ତର ମଧ୍ୟ ହୁଅନ୍ତି। ହେଲେ ଡାକ୍ତର ହୋଇସାରିବା ପରେ ପରିବାର ଠାରୁ ଦୂରେଇ ଯାଉଛନ୍ତି। ଆଉ ବଡ଼ଲୋକ ହେବା ଆଶାରେ ସାହୁକାରର ଭଉଣୀ ଝୁନାଙ୍କୁ ବିବାହ କରୁଛନ୍ତି। ସେପଟେ ସାହୁକାର ଟଙ୍କା ପାଇସାରିବା ପରେ ମଧ୍ୟ ଚକ୍ରବର୍ତ୍ତୀ ସୁଧ ଅସୁଲ କରିବାକୁ ସୁବାସ ଓ ତାଙ୍କ ବାପାମାଆଙ୍କ ଉପରେ ଅତ୍ୟାଚାର କରୁଛି। ଶେଷରେ କୌଣସି ଉପାୟ ନପାଇ ଦୃଷ୍ଟିହୀନ ସୁବାସ ସାହୁକାର ଘରେ ତେଲ ଘଣା ଟାଣୁଛନ୍ତି। ଏହାରି ଭିତରେ ସାହୁକାର ସାନଭାଇ ସ୍ମୃତି ଲୋଲୁପ ଦୃଷ୍ଟି ପକାଇବା ସହ ସୁବାସଙ୍କ ଭଉଣୀ ଭାବନାଙ୍କୁ ଦୁଷ୍କର୍ମ କରୁଛି। ଏହାର ଦୋଷ ମଧ୍ୟ ସୁବାସଙ୍କ ଉପରେ ଲଦି ଦେଉଛି। ସାହୁକାରର ଅତ୍ୟାଚାର ଓ ସାନପୁଅ ଦୂରେଇ ଯିବାର ଦୁଃଖରେ ବାପାମାଆ ବିଷ ପିଇ ଜୀବନ ହାରୁଛନ୍ତି। ସେପଟେ ଟଙ୍କା ପରିଶୋଧ ନ ହେବାରୁ ସାହୁକାରର ଅତ୍ୟାଚାର ସୀମା ଲଙ୍ଘୁଛି। ସୁବାସ ଶେଷରେ ସାହୁକାରକୁ ହତ୍ୟା କରୁଛନ୍ତି। ନାଟକରେ ସାହୁକାରମାନେ ଗରିବ ଲୋକଙ୍କୁ ଋଣ ଦେଇ କିପରି ଅତ୍ୟାଚାର କରୁଛନ୍ତି, ତାହା ଦେଖିବାକୁ ମିଳୁଛି।

# ବାପା ଚାଲିଗଲେ; ମୁଁ ଯାଇ ପାରିଲିନି



**ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ନାୟକ ସୁବାସ ବେହେରାଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର**

**ଆମେ ଶୁଣିଛୁ ଆପଣ ଜଣେ ଉଚ୍ଚଶିକ୍ଷିତ, ଭଲ ଚାକିରି ବି କରୁଥିଲେ। କିନ୍ତୁ ଯାତ୍ରା ଜଗତକୁ କିଭଳି ଓ କାହିଁକି ଆସିଲେ।**

ଉ- ହଁ ଯାତ୍ରା ଜଗତକୁ ଆସିବା ପୂର୍ବରୁ ମୁଁ ଇଞ୍ଜିନିୟରିଂରେ ଡିପ୍ଲୋମା କରି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଚାକିରି କରିଥିଲି। ପାଠ୍ୟକ୍ରମ ସାହି ୧୯୯୫ ମସିହାରେ ମୁଁ ଯାତ୍ରା ଜଗତକୁ ଆସିଲି। ସ୍କୁଲରେ ପଢ଼ିବା ବେଳେ ଅଭିନୟ ପ୍ରତି ଆକର୍ଷଣ ଥିଲେ ମଧ୍ୟ ପରେ କୌଣସି ସୁଯୋଗ ମିଳି ନ ଥିଲା। ହେଲେ ଚାକିରି ସମୟରେ ଯାତ୍ରାରେ ଛୋଟ ଚରିତ୍ରରେ କାମ କରିବାକୁ ଚାନ୍ସ ମିଳିଲା। କଳା ପ୍ରତି ଦୁର୍ବଳତା ମୋତେ ଚାକିରି ଛାଡ଼ିବାକୁ ବାଧ୍ୟ କଲା। ଅନ୍ୟପକ୍ଷରେ ଚାକିରି କରିଥିଲେ ହୁଏତ ଅଧିକ ଟଙ୍କା ରୋଜଗାର କରିଥାଇପାରିଥାନ୍ତି ହେଲେ ଆଜି ଏତେ ସଂଖ୍ୟକ ଦର୍ଶକଙ୍କ ଭଲପାଇବା ମିଳି ନ ଥାନ୍ତା।

**ଖଣ୍ଡଗିରି ମଞ୍ଚକୁ କେବେଠାରୁ ଆସିଲେଣି। ସେବେକାର ଖଣ୍ଡଗିରି ଓ ଏବେ ମଧ୍ୟରେ କଣ ପାର୍ଥକ୍ୟ ଦେଖୁଛନ୍ତି?**

ଉ- ମୁଁ ୩୧ ବର୍ଷ ମଧ୍ୟରେ ୯ଟି ପାର୍ଟିରେ କାମ କଲିଣି, ଏଯାଏଁ ୧୭ ବର୍ଷ ହେବ ଖଣ୍ଡଗିରି ଯାତ୍ରାକୁ ଆସୁଛି। ପୂର୍ବରୁ ଖଣ୍ଡଗିରିରେ ଏତେ ଆଡ଼ମ୍ବର ନ ଥିଲା, ମାତ୍ର ୨/୩ଟି ପେଣ୍ଡାଲରେ ନାଟକ ହୁଏ। ସେ ସମୟରେ ଉଦଳା, ବରୁଣେଶ୍ୱର, ମାଣତ୍ରୀ, ଧାମରା ଭଳି ବଡ଼ ବଡ଼ ମେଳା ଥିଲା। କିନ୍ତୁ ସମୟକ୍ରମେ ସମସ୍ତଙ୍କୁ ଅତିକ୍ରମ କରି ଖଣ୍ଡଗିରି ଓଡ଼ିଶାର ଏକ ନମ୍ବର ମେଳା ଭାବେ ନିଜର ପରିଚୟ ତିଆରି କରିଛି।

**ଖଣ୍ଡଗିରିକୁ ଯାତ୍ରାକୁ ନେଇ ଆପଣଙ୍କ ମତ କ'ଣ?**

ଉ- ଖଣ୍ଡଗିରି ଯାତ୍ରା ମହାକୁମ୍ଭ ଏବେ ଯାତ୍ରା ଜଗତର ଗୋଟେ ବିରାଟ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଯାଇଛି। ଖଣ୍ଡଗିରି ଯାତ୍ରା ପାଇଁ କଳାକାର, ଲେଖକ, ନିର୍ଦ୍ଦେଶକ ଓ ମାଲିକ ସମସ୍ତେ ସ୍ୱତନ୍ତ୍ର ଭାବେ ଆଗୁଆ ପ୍ରସ୍ତୁତ ହୋଇଥାନ୍ତି।

**ଯାତ୍ରାରେ ଅଶ୍ଳୀଳତା ଆବଶ୍ୟକତା କେତେ ରହିଛି କି?**

ଉ- କମିଟି ମଧ୍ୟରେ ପ୍ରତିଯୋଗିତା ଓ ଗୋଟେ ଭୁଲ୍ ମାନସିକତା ଯୋଗୁଁ ଯାତ୍ରାରେ ଆଜି ଅଶ୍ଳୀଳତା ପ୍ରବେଶ କରିଛି। ବ୍ୟାବସାୟିକ ଫାଇଦା ପାଇଁ ଅଶ୍ଳୀଳତା ଆସି ନାଟକ ଭଳି କଳାର ମଞ୍ଚରେ ପଶିଛି। ଯାତ୍ରାରେ ଅଶ୍ଳୀଳତାର କୌଣସି ସ୍ଥାନ ନାହିଁ। ମୁଁ ଭାବୁଛି ପୂର୍ବରୁ ମଧ୍ୟ ବିନା ଅଶ୍ଳୀଳତାରେ ନାଟକ ହେଉଥିଲା ଆଗକୁ ମଧ୍ୟ ହୋଇପାରିବ।

**- ଏବେକାର ଯାତ୍ରା ଦୁନିଆରେ କ'ଣ ପରିବର୍ତ୍ତନ ଦରକାର?**

ଉ- ଆଜି ଯେଉଁ କଳାକାର ଆସି ସୋସିଆଲ ମିଡିଆରେ ଭାଇରାଲ ହେଉଛନ୍ତି, ସେମାନେ ଯାତ୍ରା ଇତିହାସ ଜାଣିନାହାନ୍ତି କି ବୁଝିନାହାନ୍ତି। ବର୍ତ୍ତମାନ ଗୋଟେ ଟ୍ରେଣ୍ଡ ଚାଲିଛି, ନିଜେ ବଞ୍ଚିବା ପାଇଁ ଯାତ୍ରାକୁ ମାରି ଦେଉଛନ୍ତି। ଆଜିର କଳାକାରଙ୍କ ଠାରୁ ଆରମ୍ଭ କରି ମ୍ୟାନେଜର ଓ ମାଲିକଙ୍କ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ। ସେମାନଙ୍କ ମାନସିକତା ପରିବର୍ତ୍ତନ ନ ହେଲେ ଯାତ୍ରା ଭଳି ବର୍ଷ ବର୍ଷର କଳା ଅଦିନରେ ବୁଡ଼ିଯିବ।

**ସେବେକାର ଦର୍ଶକ ଓ ଏବେକାର ଦର୍ଶକଙ୍କ ମଧ୍ୟରେ କ'ଣ ଫରକ ଦେଖୁଛନ୍ତି?**

ଉ- ପୂର୍ବାପେକ୍ଷା ଯାତ୍ରା ଦର୍ଶକଙ୍କ ସଂଖ୍ୟା ବୃଦ୍ଧିପାଇଛି। ଅନେକ ଲୋକ ଯାତ୍ରା ଦେଖିବାକୁ ଆସୁଛନ୍ତି। ସେବେ ନାଟ୍ୟ ମନସ୍କ ଦର୍ଶକ ଆସୁଥିଲେ, ଏବେ ଅନ୍ୟମନସ୍କ ଦର୍ଶକ ଆସୁଛନ୍ତି।

**ପୂର୍ବ କାହାଣୀ ଓ ଏବେକାର କାହାଣୀ ମଧ୍ୟରେ କ'ଣ ପରିବର୍ତ୍ତନ ହୋଇଛି?**

ଉ- ରାମାୟଣ ଓ ମହାଭାରତ ପରେ ଆମେ ନୂଆ କିଛି କାହାଣୀ ତିଆରି କରିପାରି ନାହାନ୍ତି। ଆମେ କେବଳ କାହାଣୀରେ ନୂତନତ୍ୱ ଆଣିଛନ୍ତି। ନିର୍ଦ୍ଦେଶନା, ସଂଳାପ ଓ ଦୃଶ୍ୟ ସଜାଡ଼ିବାରେ ନୂଆ କରିବାକୁ ଚେଷ୍ଟା କରିଛନ୍ତି। ସେବେ ବି ନାଟକ କାହାଣୀମୂଳକ ଅଛି ଓ ପୂର୍ବରୁ ମଧ୍ୟ ଥିଲା।

**ଆପଣଙ୍କ ପାରିବାରିକ ଜୀବନରେ ଯାତ୍ରା କ୍ୟାରିୟରର କ'ଣ ପ୍ରଭାବ ରହିଛି?**

ଉ- ଯାତ୍ରା କଳାକାରଟିଏ ବାପାମାଆଙ୍କ ପୁଅ ନୁହେଁ, ସ୍ୱାମୀ ପାଇଁ ସ୍ତ୍ରୀ ନୁହେଁ କି ପିଲାଙ୍କ ବାପା ନୁହେଁ। ସେ କେବଳ ଯାତ୍ରା କଳାକାର, ଯାହାର କିଛି ସ୍ୱାଧୀନତା ନାହିଁ। ପରିସ୍ଥିତି ଯାହା ହେଲେ ବି, ଅଭିନୟ କରିବାକୁ ପଡ଼େ। ଏହା ଯାତ୍ରା କଳାକାରର ଛାତି ତଳର ଦୁଃଖ। ଏମିତି ପରିସ୍ଥିତି ଆସିଛି, ବାପା ଚାଲିଗଲେ; ଖବର ଶୁଣି ମଧ୍ୟ ମୁଁ ଯାଇ ପାରିନଥିଲି।

### ପଞ୍ଚମ ଦିନରେ ଖଣ୍ଡଗିରି କୁମ୍ଭ ମେଳା

# ଗୁମ୍ଫାରେ ଭିଡ଼; ପାହାଡ଼ ଉପରେ ଖଞ୍ଜଣି ମାଡ଼




ଭୁବନେଶ୍ୱର, ୨୯।୧ (ସମିସ): ପଞ୍ଚମ ଦିନରେ ପହଞ୍ଚିଛି ଖଣ୍ଡଗିରି କୁମ୍ଭ ମେଳା। ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ଓଡ଼ିଶା ଆନୁକୂଲ୍ୟରେ ବାବା ପଞ୍ଚଦେବଙ୍କ ଆବାହକତ୍ୱରେ ପାଦ ଦେଶରେ ସାଧୁ ସନ୍ଥଙ୍କ ହୋମ ଯଜ୍ଞ ଯଥା ରିତି ଚାଲିଛି। ହୋମଯଜ୍ଞ ସାଙ୍ଗକୁ ଖୋଳ, ଖଞ୍ଜଣି, ଗିନି ଓ ଝାଞ୍ଜ ଧରି ଚାଲିଛି ନାମ ସଂକୀର୍ତ୍ତନ। ଫାଟି ପଡୁଛି ପାହାଡ଼ର ପାଦଦେଶ। ଦିନ ବେଳେ ସାଧୁସନ୍ଥଙ୍କ ଦର୍ଶନ ପାଇଁ ଭିଡ଼ ହୋଇଥିବା ବେଳେ ସନ୍ଧ୍ୟାରେ ମେଳା ବଜାରରେ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ଭୁବନେଶ୍ୱରରେ ଅନେକ ମେଳାର ଆୟୋଜନ ହେଉଥିଲେ ମଧ୍ୟ ଖଣ୍ଡଗିରି ମେଳାର ଏକ ନିଆରା ଅନୁଭୂତି ରହିଛି। ପ୍ରବଳ ଜନଗହଳି ଭିତରେ ଉଦୟଗିରିର ଐତିହାସିକ ରାଣି ଗୁମ୍ଫା, ହାତୀ ଗୁମ୍ଫା ବୁଲିବାକୁ ବହୁ ଲୋକ ଆସୁଛନ୍ତି। ସେହିଭଳି ଖଣ୍ଡଗିରି ପାହାଡ ପଟେ ଐତିହାସିକ ଜୈନ୍ୟ ମନ୍ଦିର, ମା ବାରଭୂଜାଙ୍କ ପୀଠ ଗୁପ୍ତ ଗଙ୍ଗା ଓ ଦେବ ସଭା ଦେଖିବାକୁ ପ୍ରବଳ ଲୋକଙ୍କ ସମାଗମ ହେଉଛି। ସନ୍ଧ୍ୟାରେ ଖଣ୍ଡଗିରି ଟ୍ରାଫିକ ଛକରୁ ପାହାଡ଼ ପାଦଦେଶ ଯାଏଁ ପ୍ରବଳ ଗହଳି ଦେଖିବାକୁ ମିଳିଛି।

### ଅଲୋଡ଼ା ଶୂନ୍ୟ ମନ୍ଦିର

ମା' ବାରଭୂଜାଙ୍କ ଠିକ୍ ଉପର ଭାଗକୁ ରହିଛି ଶୂନ୍ୟ ମନ୍ଦିର। ଏହି ମନ୍ଦିରରେ କୌଣସି ଦେବଦେବୀ ପୂଜା ପାଉ ନ ଥିଲେ ବି ଏକଦା ଏଠାରେ ସବୁ ଦେବଦେବୀଙ୍କ ମିଳନ ସ୍ଥଳ ଥିଲା ବୋଲି ବିଶ୍ୱାସ କରାଯାଏ। ଏବେ ମନ୍ଦିର ଯେଉଁ ଅବସ୍ଥାରେ ଅଛି ପୂର୍ବରୁ ଆହୁରି ବଡ଼ ଥିଲା। ତେବେ ବର୍ତ୍ତମାନ ମନ୍ଦିର ଭାଙ୍ଗି ଯାଇଥିବା ବେଳେ ଏହାର ଭଗ୍ନାବଶେଷ ଖଣ୍ଡ ଖଣ୍ଡ ହୋଇ ଏଣେ ତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ମାଘ ମେଳା ଅବସରରେ ଲୋକମାନେ ଏହି ମନ୍ଦିର ଦେଖିବାକୁ ଭିଡ଼ ଜମୁଛି।

### ପାର୍କିଂ ଫି' କୁ ନେଇ ଅସନ୍ତୋଷ

ଖଣ୍ଡଗିରି ମେଳାକୁ ନେଇ ଗତ ମାସେ ପୂର୍ବରୁ ବିଏମ୍‌ସିର ସଜବାଜ ଆରମ୍ଭ ହୋଇଥିଲା। ପାଞ୍ଚ ପାଞ୍ଚଟି ସ୍ଥାନରେ ଗାଡି ରଖିବାକୁ ସ୍ଥାନ ନିରୂପଣ କରାଯାଇଛି। ଖଣ୍ଡଗିରି ଓଭରବ୍ରିଜ ତଳ, ଖାରବେଳ ପାର୍କ, ଥାନା ଠାରୁ ପ୍ରାଚୀ ହୋଟେଲ ଓ ଜାଗମରା ପଟକୁ ମଧ୍ୟ ଗୋଟେ ପାର୍କିଂସ୍ଥଳ ରହିଛି। ନିଲାମ ପରେ ଠିକାଦାରମାନେ ଜାଗା ଆଣି ପାର୍କିଂ ବ୍ୟବସାୟ ଆରମ୍ଭ କଲେ। ଏହି ପାର୍କିଂ ପାଇଁ ବିଏମ୍‌ସି ଦୁଇ ଓ ତିନି ଚକିଆ ଯାନ ପାଇଁ ୨୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ପାର୍କିଂ ନିଲାମ ଆଣିଥିବା ଠିକାଦାରମାନେ ଦୁଇରୁ ଅଢ଼େଇ ଗୁଣା ବଢ଼ାଇ ମନଇଛା ୪୦ ରୁ ୫୦ ଟଙ୍କା ଦେୟ ଆଦାୟ କରୁଛନ୍ତି ବୋଲି ଲୋକ ଅଭିଯୋଗ କରିଛନ୍ତି। ସେହିଭଳି ୪ଚକିଆ ଯାନ ରଖିବା ପାଇଁ ୩୦ ରୁ ୪୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ୧୫୦ ରୁ ୨ଶହ ଟଙ୍କା ନିଆଯାଉଛି। ଏହାଛଡ଼ା ଦୁଇ ଘଣ୍ଟାରୁ ଅଧିକ ସମୟ ରଖିଲେ ଆଉ ଅଧିକ ଦେବାକୁ ମଧ୍ୟ ପଡୁଛି। ଗାଡ଼ି ରଖିବା ବେଳେ ଦେଉଥିବା ରସିଦରେ ମଧ୍ୟ ସେମିତି କିଛି ତଥ୍ୟ ନାହିଁ। ୬ଟି ଯାତ୍ରା ପେଣ୍ଡାଲକୁ ଦିନକୁ ଆସୁଥିବା ପ୍ରାୟ ୧୨ ହଜାର ଲୋକ ଓ ସେହିଭଳି ଦିନରେ ବୁଲିବାକୁ ଆସୁଥିବା ଲୋକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇ ପାର୍କିଂ ଫି ଆଦାୟ କରିବା ବାହାନାରେ ସାଧାରଣ ଲୋକଙ୍କ ତଣ୍ଟି ଚିପୁଥିବା କିଛି ଲୋକ କହିଛନ୍ତି। ବିଏମ୍‌ସି ପକ୍ଷରୁ ମଧ୍ୟ କୌଣସି ଯାଞ୍ଚ କରାଯାଉନାହିଁ। ବିଏମ୍‌ସି ସବୁ ଜାଣି ଆଖିମୁଜି ଦେଉଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି।

### ଫୁଡ୍ ବଜାରରେ ଭିଡ଼

ଆଜି ଖଣ୍ଡଗିରି ମେଳାର ୫ମ ଦିନରେ ପ୍ରବଳ ଜନସମାଗମ ବଢ଼ିବାରେ ଲାଗିଛି। ସନ୍ଧ୍ୟାରେ ଫୁଡ ବଜାରରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ପରିବାର ସହ ମେଳା ବୁଲିବାକୁ ଆସିଥିବା ପରିଦର୍ଶକମାନେ ଚାଟ୍, ଗୁପଚୁପ, ପାମ୍ପୁଡି ଚାଟ୍, ଝାଲ ମୁଢ଼ି, ବରା ଗୁଗୁନି ଆଦି ଚଟପଟା ଖାଦ୍ୟ ଖାଇବାକୁ ବିଭିନ୍ନ ବର୍ଗର ଲୋକଙ୍କ ଭିଡ ଜମିଥିଲା।

### ମେଳାରେ ଚର୍ଚ୍ଚିତ ପୁରୁଣା ମୁହଁ

ସବୁ ବର୍ଷ ଭଳି ଏବର୍ଷ ମଧ୍ୟ ଖଣ୍ଡଗିରିକୁ ଜୁନା ଆଖଡ଼ା ବଦ୍ରିନାଥରୁ ଆସିଛନ୍ତି ଡାକ୍ତର ବାବା ମହନ୍ତ ମୋହନ ଗିରି। ଖଣ୍ଡଗିରିରେ ଜପତପ କରିବା ପାଇଁ ବାବା ଆସିଛନ୍ତି। ସେ ନିଜକୁ ଜଣେ ଆୟୁର୍ବେଦିକ ଚିକିତ୍ସକ ବୋଲି କୁହନ୍ତି। ତେଣୁ ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ବାବା ଖଣ୍ଡଗିରିରେ ଚର୍ଚ୍ଚାରେ ଅଛନ୍ତି। ସେହିପରି

### ଏଥର ବି ଷ୍ଟାଣ୍ଡିଂ ବାବା

ଷ୍ଟାଣ୍ଡିଂ ନାଗା ବାବା ମହନ୍ତ ଚନ୍ଦନ ଗିରି ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ କାଶୀ ହରିଦ୍ୱାରରୁ ଖଣ୍ଡଗିରି କୁମ୍ଭ ମେଳାକୁ ଆସିଛନ୍ତି। ଦୀର୍ଘ ୩୫ ବର୍ଷ ହେବ ଛିଡା ହୋଇ ପତସ୍ୟା କରୁଛନ୍ତି। ବାବା ମହନ୍ତ ନାଗା ସାଧୁ ଚନ୍ଦନ ଗିରିଙ୍କୁ ଦେଖିବାକୁ ବହୁ ସଂଖ୍ୟାରେ ଭକ୍ତ ଶରଣାପନ୍ନ ହୋଇ ନିଜ ପାରିବାରିକ, ବ୍ୟକ୍ତିଗତ ଏବଂ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପରାମର୍ଶ ନେଉଥିବା ଦେଖିବାକୁ ମିଳିଛି। ବାବାଙ୍କ ଦୀର୍ଘ ବର୍ଷ ଧରି ଠିଆ ହୋଇ ଜପତପ କରିବା ପାଇଁ ଖଣ୍ଡଗିରିରେ ସେ ବେଶ ଚର୍ଚ୍ଚାରେ ଅଛନ୍ତି। ଏହାସହ ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ମେଳାକୁ ଉଜ୍ଜୟିନୀରୁ ପୁଣି ଆସିଛନ୍ତି ବମ ବମ ପୁରୀ ଦିଗାମ୍ବର ବାବା।ତାଙ୍କୁ ଖଣ୍ଡଗିରିରେ ଅଧିକ ଶାନ୍ତି ମିଳେ ବୋଲି ସେ କହିଛନ୍ତି। ତେଣୁ ସେ ପ୍ରତିବର୍ଷ ଖଣ୍ଡଗିରି ମେଳା ଆସୁଛନ୍ତି। ଜଗତ କଲ୍ୟାଣ ପାଇଁ ସେ ଏଠାରେ ଜପତପ କରିବା ସହ ଆହୁତି ପ୍ରଦାନ କରୁଛନ୍ତି। ତାଙ୍କ ପାଖରେ ମଧ୍ୟ ସବୁଦିନ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ତେବେ ତାଙ୍କ ଖଣ୍ଡା ପାଇଁ ସେ ବେଶ ଚର୍ଚ୍ଚାରେ ଅଛନ୍ତି।



# ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୨୯।୧(ସମିସ): ଖଣ୍ଡଗିରି ପାଣ୍ଠୀକାଠାରେ ଐର ଖାରବେଳ ମହୋତ୍ସବ କମିଟି ଏବଂ ଅନୁଚିନ୍ତନମର ମିଳିତ ଆନୁକୂଲ୍ୟରେ ଖଣ୍ଡଗିରି କୁମ୍ଭମେଳା ଅବସରରେ ଆନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମଞ୍ଚରେ ପ୍ରଜ୍ଞା ନୃତ୍ୟାୟନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ, ଦେବଜ୍ୟୋତି ନସ୍କର ଓ ଗ୍ରୁପ ପକ୍ଷରୁ କଥକ ଓ ବ୍ରେଲି ନୃତ୍ୟ ପରିବେଷଣ କରିଥିଲେ, ବିନାକେଶରି ନୃତ୍ୟ ମଞ୍ଜୀଳି ପକ୍ଷରୁ ପାଲ୍ଲୀ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ବାବୁ ସିଂ ଓ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ସରୋଜ କର, କାଳନ୍ଦୀ ସାମଲ, ବିରଞ୍ଚି ତ୍ରିପାଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସେକ୍ରେଟେରୀ ଡ.ଚନ୍ଦ୍ର ଶେଖର ହୋତା, ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, କର୍ପୋରେଟର ରାମଚନ୍ଦ୍ର ରଣସିଂ, ସୁଜାତା ଛୋଟରାୟ, ସୁଚିତ୍ରା ପାତ୍ର, ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୁପକାର, ମଣ୍ଡଳ ସଭାପତି ଆରତି ଭୂଇଆ, ଜିତୁ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଚିନ୍ତନମର ପ୍ରତିଷ୍ଠାତା ଡାଃ ଶ୍ରୀନିବାସ ଘଟୁଆରି ମଞ୍ଚ ପରିଚାଳନା କରିଥିଲେ।





# ଡେଲିଭରି ବୟଙ୍କୁ ହତ୍ୟା କରି ଫିଙ୍ଗିଦେଲେ!



ଭୁବନେଶ୍ୱର, ୨୯।୧(ସମିସ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଗାଁ ନିକଟସ୍ଥ ଗଙ୍ଗୁଆ ନାଳ କଡ଼ରୁ ଜଣେ ଯୁବକଙ୍କ ମୃତଦେହକୁ ପୁଲିସ ଗୁରୁବାର ଅପରାହ୍ଣରେ ଜବତ କରିଛି। ଜବତ ହୋଇଥିବା ମୃତଦେହଟି ଡେଲିଭରି ବୟ ନିଳାମ୍ବର ଭୋଇ (୨୭)ଙ୍କର ବୋଲି ଜଣାପଡ଼ିଛି। ନୀଳାମ୍ବରଙ୍କ ପୈତୃକ ଘର ବୌଦ୍ଧ ଜିଲ୍ଲା ମନମୁଣ୍ଡାରେ ହୋଇଥିବା ବେଳେ ସେ ବେଶ କିଛିଦିନ ହେବ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ମହାଦେବ ନଗରରେ ରହୁଥିବା ଜଣାପଡ଼ିଛି। ତେବେ ନୀଳାମ୍ବରଙ୍କ ମୃତଦେହ ନିକଟରୁ ପୁଲିସ ସେ ବ୍ୟବହାର କରୁଥିବା ଏକ ସାଇକେଲ ଜବତ କରିଥିବା ବେଳେ ନିକଟରେ ଥିବା ଏକ ଗଛରେ ଏକ ଓଢ଼ଣୀ ଝୁଲୁଥିବା ଦେଖିବାକୁ ମିଳିଛି। ଯଦିଓ ଗଛରେ ଓଢଣୀ ଝୁଲିଥିଲା, କିନ୍ତୁ ନିଳାମ୍ବରଙ୍କ ମୃତ ଦେହଟି ଗଛ ତଳେ ପଡ଼ିଥିବାରୁ କେହି ତାଙ୍କୁ ହତ୍ୟା କରି ଏହି ନିଛାଟିଆ ଜାଗାରେ ଫୋପାଡି ଦେଇଥାଇପାରେ ବୋଲି ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ତେଣୁ ପୁଲିସ ଏହି ମାମଲାକୁ ଗମ୍ଭୀରତା ସହ ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତ ନିଳାମ୍ବରକୁ କେହି ଏଠାରେ ହତ୍ୟା କରି ଆଣି ଫୋପାଡ଼ି ଦେଇଛି ନା ସେ ସେଠାରେ ଆତ୍ମହତ୍ୟା

## ବୁଧବାର ଠାରୁ ନିଖୋଜ ଥିଲେ

କରିଛନ୍ତି ତାହାର ତନାଘନାକୁ ଜୋରଦାର କରିଛି ପୁଲିସ। ଅନ୍ୟପକ୍ଷରେ ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ପଷ୍ଟରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ଏନେଇ ମଞ୍ଚେଶ୍ୱର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମାମଲାର ତନାଘନା କରାଯାଉଛି। ଘଟଣା ସଂକ୍ରାନ୍ତରେ ମଞ୍ଚେଶ୍ୱର ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି ଯେ, ନିଳାମ୍ବର ଭୋଇ ନିଖୋଜ ହେବା ନେଇ ଲକ୍ଷ୍ମୀସାଗର ଥାନାରେ ତାଙ୍କ ପରିବାର ଲୋକେ ବୁଧବାର ଅଭିଯୋଗ କରିଥିଲେ। ପରେ ଲକ୍ଷ୍ମୀସାଗର ପୁଲିସ ବୁଧବାର ରାତିରେ ନିଳାମ୍ବର ବ୍ୟବହାର କରୁଥିବା ମୋବାଇଲ ଫୋନର ଲୋକେସନ ଗଙ୍ଗୁଆ ନାଳ ନିକଟରେ ଦେଖାଇଥିଲା। ରାତି ହୋଇଯାଇଥିବାରୁ ପୁଲିସ ଉକ୍ତ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ କିଛି ପାଇ ନ ଥିଲା। ପରେ ଗୁରୁବାର ସକାଳେ ଉକ୍ତ ଅଞ୍ଚଳରେ ଛାନଭିନ୍ନ କରିବାରୁ ନିଳାମ୍ବରଙ୍କ ମୃତଦେହକୁ ପୁଲିସ ଜବତ କରିଥିବା ଥାନାଧିକାରୀ ଶ୍ରୀ ନାୟକ କହିଛନ୍ତି। ନୀଳାମ୍ବର ବିବାହିତ ହୋଇଥିବା ବେଳେ ତାଙ୍କର ଶିଶୁ ପୁତ୍ରଟି ମଧ୍ୟ ଅଛି। ତେଣୁ କେଉଁ କାରଣରୁ ତାଙ୍କୁ କିଏ ହତ୍ୟା କରିଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହାର ପୁଲିସ ତଦନ୍ତ କରୁଛି। ନିଳାମ୍ବର ଏକ ଘରୋଇ କମ୍ପାନୀରେ ଡେଲିଭରି ବୟ ଭାବେ କାମ କରନ୍ତି।

## ଉତ୍କଳ ଅଶାନ୍ତ; ଧାରଣାରେ ବସିଲେ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨୯।୧(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ମଧ୍ୟରେ ଥିବା ବିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଛାତ୍ରଛାତ୍ରୀ। ଶିକ୍ଷା ବିଭାଗର ଅଧ୍ୟକ୍ଷ ଡ. ଶରତ କୁମାର ସାହୁ ବିଭିନ୍ନ ବେଆଇନ କାର୍ଯ୍ୟ ଓ ଦୁର୍ନୀତିରେ ସମ୍ପୃକ୍ତ ଥିବା ସେହି ବିଭାଗରେ କାର୍ଯ୍ୟରତ ଅଧ୍ୟାପକ ଅଭୟ ପରିଡ଼ା ଅଭିଯୋଗ ଆଣିଥିଲେ। ସେହି ସମାନ ଅଭିଯୋଗ କରି ଗୁରୁବାର ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଅଭିଯୋଗର ତଦନ୍ତ କରିବାକୁ ଦାବି କରିଛନ୍ତି। ତାଙ୍କ ନିଯୁକ୍ତିକୁ ବେଆଇନ ବୋଲି ଦାବି କରିବା ସହିତ ପୂର୍ବରୁ ମହିଳା ଅଧ୍ୟାପିକାଙ୍କୁ ମାନସିକ ନିର୍ଯ୍ୟାତନା ଦେଇଥିବା ଦର୍ଶାଇଛନ୍ତି। ଏନେଇ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଧାରଣା ଦେଇଥିବା ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରି କହିଛନ୍ତି ଯେ ଘଟଣାର ତଦନ୍ତ କରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ଦୁଇ ସପ୍ତାହ ମଧ୍ୟରେ ତଦନ୍ତ ସାରି ଅଭିଯୋଗରେ ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ଆଖୁ ସଂକ୍ରାନ୍ତ ପଞ୍ଚବାର୍ଷିକ ସମୀକ୍ଷା ବୈଠକ



ଭୁବନେଶ୍ୱର, ୨୯ ।୧(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆଖୁ ଉପରେ ୩ ଦିନିଆ ପଞ୍ଚବାର୍ଷିକ ସମୀକ୍ଷା ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୨୧ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ବିଶ୍ୱ ବିଦ୍ୟାଳୟ ଅଧୀନରେ ଆଖୁ ଚାଷ ଉପରେ ରାଜ୍ୟରେ ହୋଇଥିବା ବିଭିନ୍ନ ଗବେଷଣା, ଫଳାଫଳ ଓ ସମସ୍ୟା ବାବଦରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବୈଠକକୁ ସମ୍ବୋଧିତ କରି ଆଖୁ ଚାଷର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ସେହିଭଳି ପୂର୍ବରୁ ଲୋକଲୋଚନକୁ ଆସିପାରୁ ନ ଥିବା ଏହି ଆଖୁ ବର୍ତ୍ତମାନ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ହିତକାରୀ ହେଉଥିବାରୁ ଏହା ଆଗାମୀ ଦିନରେ ଚାଷୀଙ୍କୁ ଅନେକ ଲାଭ ପ୍ରଦାନ କରିବ ବୋଲି ପ୍ରଫେସର ରାଉଳ ମତ ଦେଇଛନ୍ତି। ସେହିପରି କ୍ୟୁଆରଟି ଅଧ୍ୟକ୍ଷ ତଥା ସିଏସ୍ୟୁଏଟି, କାନପୁରର ପୂର୍ବତନ କୁଳପତି ଡ. ଏସ୍. ସୋଲୋମନ ଯୋଗ ଦେଇ ଆଖୁ ଚାଷର ସକାର।।କ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଡ଼. ସୁଜାତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆଇସିଏଆର, ଆଇଏସ୍ଆରଆର ଲକ୍ଷ୍ନୌ ପ୍ରୋଜେକ୍ଟ କୋଓର୍ଡିନେଟର ଓ ନିର୍ଦ୍ଦେଶକ (କାର୍ଯ୍ୟବାହକ) ଡଡି ସିଂହ ବୈଠକ ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ୩ ଦିନ ଧରି ଚାଲୁଥିବା ଏହି କାର୍ଯ୍ୟକ୍ରମ ନୟାଗଡ଼ ଜିଲ୍ଲା ଏଆଇସିଆରପି ଆଖୁ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜନ କରାଯାଇଛି।

## ଫେବୃଆରୀ ୧୨ରୁ ଆଉଟରିଚ୍ ଆଙ୍କର ଟ୍ରେନିଂ

ଭୁବନେଶ୍ୱର, ୨୯ ।୧(ସମିସ): ରେଡିଓ ମେଳା ଅବସରରେ ଆଉଟରିଚ୍ ପକ୍ଷରୁ ୧୨ ଫେବୃଆରୀରୁ ସ୍ଥାନୀୟ ଏକାମ୍ର ହାଟ କନଫରେନ୍ସ ହଲ୍‌ରେ ଆଉଟରିଚ୍ ଆଙ୍କର ତାଲିମ କର୍ମଶାଳା ଅନୁଷ୍ଠିତ ହେବ। ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଆଉଟରିଚ୍ ଆଙ୍କର ଟ୍ରେନିଂ କର୍ମଶାଳାରେ ନ୍ୟୁଜ ଆଙ୍କରିଂ, ପ୍ରୋଗ୍ରାମ ଆଙ୍କରିଂ, ଆର୍ଜଇଙ୍ଗ, ଲାଇଭ ରିପୋର୍ଟିଂ, ଭଏସ୍ ଓଭର ଓ ଷ୍ଟେଜ ଆଙ୍କରିଙ୍ଗ ଆଦି ବିଷୟରେ ଆଲୋଚନା କରାଯିବ ବୋଲି ଆଉଟରିଚର ମୁଖ୍ୟ ସୁବ୍ରତ କୁମାର ପତି କହିଛନ୍ତି।

## ଭୀମେଶ୍ୱର ମନ୍ଦିରକୁ ଯାତ୍ରା କଲେ ଲିଙ୍ଗରାଜ

ଭୁବନେଶ୍ୱର, ୨୯ ।୧(ସମିସ): ମାଘ ମାସ ଭୌମ୍ୟ ଏକାଦଶୀ ବା ବଡ ଏକାଦଶୀରେ ଲିଙ୍ଗରାଜ ମହାପ୍ରଭୁ ଭୀମେଶ୍ୱର ମନ୍ଦିରକୁ ଯାତ୍ରା କରିଥାନ୍ତି। ଦ୍ୱିପ୍ରହର ବେଶ ପରେ ବୀରରେଶରୀ ବଲ୍ଲଭ, ଧୂପ ଠା ବସି ଚଳନ୍ତିପ୍ରତିମା ଲିଙ୍ଗରାଜ, ଦେବୀ ଦୁର୍ଗା, ପାର୍ବତୀ, ବାସୁଦେବ ଦକ୍ଷିଣୀ ଘରୁ ବିମାନଙ୍କୁ ବିଜେ ହୋଇଥିଲେ। ସମାରୋହରେ ଯମେଶ୍ୱର ସାହି ପାଟଣା ବାଟେ ଲିଙ୍ଗରାଜ ଭୌମ୍ୟ ଏକାଦଶୀର ଭବ୍ୟ ପଟୁଆରରେ ଭୀମେଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଭୀମକୁଣ୍ଡ ଜଳରେ ସ୍ନାନ କରି ଭାମେଶ୍ୱର ମନ୍ଦିର ପକ୍ଷରୁ ନୂଆ ପାଟ ପରିଧାନ ହୋଇ ବେଶ ହୋଇଥିଲେ। ପରେ ମୁଆଁ ଭୋଗ ମଣୋହି ହୋଇ ଭାମେଶ୍ୱରଙ୍କ ସହିତ ଭେଟ ଆଳତି ହୋଇଥିଲା। ଭୀମେଶ୍ୱର ମନ୍ଦିରରୁ ପ୍ରତ୍ୟାବର୍ତ୍ତନ ସମୟରେ ଯମେଶ୍ୱର ପାଟଣା ଗଣେଶ ପିଣ୍ଡି ନିକଟରେ ରହଣୀ କରି ଭାରତୀ ମଠ ପକ୍ଷରୁ ପନ୍ତୀ ଭୋଗ ଗ୍ରହଣ ସାରି ମନ୍ଦିରକୁ ବିଜେ କରିଥିଲେ। ପରେ ଅନ୍ୟାନ୍ୟ ନୀତି ହୋଇ ମନ୍ଦିର ପହୁଡ ହୋଇଥିଲେ।

## ପାଞ୍ଚଜଣଙ୍କୁ 'ସାହିତ୍ୟ ଉତ୍କର୍ଷ ସମ୍ମାନ'

ଭୁବନେଶ୍ୱର, ୨୯ ।୧(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ 'ତୃତୀୟ ରାଜ୍ୟସ୍ତରୀୟ କଳାଭୂମି ସାହିତ୍ୟ ଉତ୍ସବ-୨୦୨୬' ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବିତାରେ ପ୍ରଦୀପ ବିଶ୍ୱାଳ, ନାଟକରେ ସୁବୋଧ ପଟ୍ଟନାୟକ, ପ୍ରବନ୍ଧରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଗଳ୍ପରେ ସରୋଜ ବଳ ଓ ପତ୍ରିକା ସମ୍ପାଦନାରେ ମମତା ମହାପାତ୍ରଙ୍କୁ 'ସାହିତ୍ୟ ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ବରିଷ୍ଠ କବି ରମାକାନ୍ତ ରାଉତଙ୍କ 'କବିକାର କଥା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାସହ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ '୨୦୩୬: ବିକଶିତ ଓଡ଼ିଶା ପାଇଁ ଭାଷା ସାହିତ୍ୟର ଭୂମିକା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କଳାଭୂମି ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାହିତ୍ୟ ଉତ୍ସବକୁ ଡ. ଶ୍ରୀନିବାସ ଘଟୁଆରି ସଂଯୋଜନା କରିଥିଲେ। ଉତ୍ସବରେ ଶହେରୁ ଉର୍ଦ୍ଧ୍ୱ ଯୁବ ଓ ବରିଷ୍ଠ ସାହିତ୍ୟିକଙ୍କ କବିତା, ଗପ ପାଠ ସହ ଓଡିଶୀ ଶାସ୍ତ୍ରୀୟ ଛାନ୍ଦ ଚମ୍ପୁ ପରିବେଷଣ କରାଯାଇଥିଲା।

## ଘରୋଇଶୈଳୀ ରନ୍ଧାଖାଦ୍ୟ ଯୋଗାଇବ କଳିଙ୍ଗସ୍ କିଚେନ

ନନ୍ଦନକାନନ, ୨୯।୧(ସମିସ): କଳିଙ୍ଗ ଗ୍ରୁପ୍ ତରଫରୁ 'କଳିଙ୍ଗସ୍ କିଚେନ୍' ଖାଦ୍ୟ ଯୋଗାଣ ସେବା ଆରମ୍ଭ କରିବା ନେଇ ଘୋଷଣା କରାଯାଇଛି। ଯାହାକି ଏକ ମାସିକିଆ ଖାଦ୍ୟ ବରାଦ ସେବା ପ୍ରକ୍ରିୟାରେ ଭୁବନେଶ୍ୱର ଅଞ୍ଚଳର ବିଭିନ୍ନ ବର୍ଗର ଲୋକମାନଙ୍କୁ ଯୋଗାଇ ଦିଆଯିବ ବୋଲି ସଂସ୍ଥାର ନିର୍ଦ୍ଦେଶୀକା ସିକତା ଦାସ ଓ ପରିଚାଳନା ନିର୍ଦ୍ଦେଶକ ଟୁଟୁଲ କିଶୋର ଦାସ ପ୍ରକାଶ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଝାଁଳା, ୨୯।୧(ସମିସ): ଇନଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଓଗାଳପଡ଼ା ଛକରେ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଓଗାଳପଡ଼ା ଗ୍ରାମର ଉପେନ୍ଦ୍ର ବେହେରା (୬୦)।

ମିଳିଥିବା ସୂଚନା ଅନୁସାରେ ସକାଳ ୬ଟା ବେଳେ ଉପେନ୍ଦ୍ର ଘରୁ କୌଣସି କାମରେ ୧୬ ନମ୍ବର ଜାତୀୟ ରାଜପଥ ଓଗାଳପଡ଼ା କାଠଗୋଲା ସମ୍ମୁଖରେ ରାସ୍ତାପାରି ହେଉଥିଲେ। ସେହି ସମୟରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉପେନ୍ଦ୍ର ଡିଭାଇଡର ଉପରକୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡ, କାନରେ ଗଭୀର ଆଘାତ ଲାଗିଥିଲା। ଗାଡିଟି ଘଟଣାସ୍ଥଳରୁ ଖସି ଯିବାରେ ସକ୍ଷମ ହୋଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାରୋକ କରିଥିଲେ। ପ୍ରାୟ ଅଧ ଘଣ୍ଟା କାଳ ଜାତୀୟ ରାଜପଥ ଜାମ ହୋଇଯାଇଥିଲା। ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲା। ଏନେଇ ତାଙ୍କ ଭାଇ ପ୍ରଭାକର ବେହେରା ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ରାଜପଥର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜୁଛି।

## ସ୍ତ୍ରୀର ଆତ୍ମହତ୍ୟା; ସ୍ୱାମୀ ଗିରଫ

ଭୁବନେଶ୍ୱର, ୨୯।୧(ସମିସ): ନିର୍ଯାତନା ସହି ନ ପାରି ସ୍ତ୍ରୀ ଆତ୍ମହତ୍ୟା କରିଥିବା ଅଭିଯୋଗରେ ସ୍ୱାମୀଙ୍କୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ରିପୋର୍ଟ ଅନୁଯାୟୀ, ସୋନାଲି ସ୍ୱାଇଁ ପ୍ରାୟ ୮ ବର୍ଷ ପୂର୍ବେ ବିବାହ କରିଥିଲେ। ଦମ୍ପତିଙ୍କର ପ୍ରାୟ ୬ ବର୍ଷ ବୟସର ଗୋଟିଏ ପୁଅ ସନ୍ତାନ ରହିଛି। ବିବାହ ପରେ ଦମ୍ପତି ଗତ ଆଠ ମାସ ଧରି ପୃଥକ ଭାବରେ ରହୁଥିଲେ। ୨୬ ତାରିଖରେ ସୋନାଲିଙ୍କ ସ୍ୱାମୀ ତାଙ୍କୁ ଫୋନରେ ମିଳାମିଶା ପାଇଁ ଫେରିବାକୁ ଅନୁରୋଧ କରିଥିଲେ। ତଦନୁସାରେ ୨୭ ତାରିଖରେ ମୃତକ ପୁରୁଣା ସହର ଗୌରୀ ନଗରର ଅଭିଯୁକ୍ତର ଭଡା ଘରକୁ ଆସିଥିଲେ। ସେହି ସନ୍ଧ୍ୟାରେ ମୃତକ ଉକ୍ତ ଘରଭିତରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି ସୋନାଲିଙ୍କ ସମ୍ପର୍କୀୟ ଅଶୋକ ସାହୁ।

## ୩୧ରୁ 'ଉପନିଷଦ୍ ଜ୍ଞାନାମୃତ'



ଭୁବନେଶ୍ୱର, ୨୯ ।୧(ସମିସ): ବ୍ରଜ ଗୋପିକା ସେବା ମିଶନ ପକ୍ଷରୁ ଚଳିତ ମାସ ୩୧ ତାରିଖରୁ ଫେବୃଆରୀ ୯ତାରିଖ ଯାଏ ସ୍ଥାନୀୟ ଲକ୍ଷ୍ମୀସାଗର ମେଳଣ ପଡ଼ିଆରେ 'ଉପନିଷଦ୍ ଜ୍ଞାନାମୃତ' ଅନୁଷ୍ଠିତ ହେବ। ୧୦ଦିନ ଧରି ଚାଲିବାକୁ ଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଶ୍ରୀକୃପାଳୁଜୀ ମହାରାଜଙ୍କର ପ୍ରମୁଖ ପ୍ରଚାରିକା ପୂଜନୀୟା ରାସେଶ୍ୱରୀ ଦେବୀଜୀ 'ଉପନିଷଦ୍ ଜ୍ଞାନାମୃତ' ପ୍ରଦାନ କରିବେ। ୧୦ଦିନ ଧରି ପ୍ରତି ସନ୍ଧ୍ୟା ୬ଟା୩୦ରୁ ରାତି ୮ଟା୩୦ ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମରେ ରାସେଶ୍ୱରୀ ଦେବୀଜୀ ସମନ୍ୱିତ, ସାର୍ବଜନୀନ ଓ ସନାତନ ଦର୍ଶନର ଉପସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମରେ ରାସେଶ୍ୱରୀ ଦେବୀଜୀ ଉପନିଷଦ୍ ଗୁଡ଼ିକର ଗଭୀର ତତ୍ତ୍ୱକୁ ଅତ୍ୟନ୍ତ ସରଳ, ସ୍ୱଷ୍ଟ ଓ ସହଜ ଭାଷାରେ ପଉପସ୍ଥାପନ କରିବେ ବୋଲି ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରଜ ଗୋପିକା ସେବା ମିଶନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସାହିତ୍ୟାୟନର ବାର୍ଷିକ ସାହିତ୍ୟ ଆଲୋଚନା



ଭୁବନେଶ୍ୱର, ୨୯ ।୧(ସମିସ): ସାହିତ୍ୟ ଅନୁଷ୍ଠାନ 'ସାହିତ୍ୟାୟନ' ପକ୍ଷରୁ ପାତ୍ରପଡ଼ା ନିକଟସ୍ଥ ଲୋଟଣୀ ବରରେ ବାର୍ଷିକ ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସାହିତ୍ୟ ଆଲୋଚନା ଏବଂ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏହି ପାଠୋତ୍ସବରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ବସନ୍ତ ତ୍ରିପାଠୀ, ସୂର୍ଯ୍ୟମଣି ତ୍ରିପାଠୀ, ସୂର୍ଯ୍ୟ ମିଶ୍ର, ଇସ୍ରୋର ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଡ. ସୂର୍ଯ୍ୟ ଦେଓ, ଡ. ଅମ୍ବରିଶ ଶତପଥୀ, ଡ. ଦେବାଶିଷ ମହାପାତ୍ର, କବି ପ୍ରଣତି ମିଶ୍ର, କବି ଜ୍ୟୋସ୍ନା ସାମନ୍ତରାୟ, ଯାଦୁ ରତ୍ନ ମହେନ୍ଦ୍ର ହରିଚନ୍ଦନ, ଗିରିଧାରି ସାହୁ, ଇଂ ବିନୋଦ ପାଢ଼ୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଭାପତି ଜୟକୃଷ୍ଣ ତ୍ରିପାଠୀ ଏବଂ ସମ୍ପାଦକ ସଞ୍ଜୟ ମହାନ୍ତି ପରିଚାଳନା କରିଥିଲେ।

## ଗାଡ଼କଣ ବରିଷ୍ଠ ନାଗରିକ କମିଟିର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୯ ।୧(ସମିସ): ଗାଡ଼କଣ ବରିଷ୍ଠ ନାଗରିକ କମିଟିର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ, ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, କଂଗ୍ରେସ ମୁଖପାତ୍ର ମୁଖପାତ୍ର କୃଷ୍ଣଚନ୍ଦ୍ର ପତି, ରାଜ୍ୟ ବରିଷ୍ଠ ନାଗରିକ କମିଟି ସଭାପତି ମଧୁ ମାଧବ ଜେନା, ଗାଡ଼କଣ ଗ୍ରାମ ସଭାପତି ପ୍ରସନ୍ନ ପାତ୍ର, ଗ୍ରାମ କମିଟି ସମ୍ପାଦକ ତଥା କର୍ପୋରେଟରଙ୍କ ପ୍ରତିନିଧି ସବ୍ୟସାଚୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ କମିଟି ସଭାପତି ସୁର ପାତ୍ର ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ କମିଟି ଉପସଭାପତି ରସାନନ୍ଦ ସାହୁ, ସମ୍ପାଦକ କିଶୋର ସାହୁ, ସହ-ସମ୍ପାଦକ ବିଚିତ୍ର ପରିଡ଼ା, କୋଷାଧ୍ୟକ୍ଷ ଘନଶ୍ୟାମ ବେହେରା, ନେତ୍ରାନନ୍ଦ ସାହୁ, ସୁଶାନ୍ତ ନନ୍ଦ, ବେଣୁଧର ସାହୁ, ମୋହନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଉପଦେଷ୍ଟା ମଣ୍ଡଳୀ ଧୀରେନ୍ଦ୍ର ପତି, ନରେନ୍ଦ୍ର ଦାଶ, ସାନାତନ ପାତ୍ର, ବିହାରୀବନ୍ଧୁ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

## ଓଡ଼ିଶା ରିୟଲ ଇଷ୍ଟେଟ ଡେଭେଲପର୍ ସଂଘର ସାଧାରଣ ପରିଷଦ ବୈଠକ



ଭୁବନେଶ୍ୱର, ୨୯ ।୧(ସମିସ): ଓଡ଼ିଶା ରିୟଲ ଇଷ୍ଟେଟ ଡେଭେଲପର ସଂଘର ସାଧାରଣ ପରିଷଦ ବୈଠକ ସଂଘର ସଭାପତି ନିଶିଥ ରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶା ରେରା ଅନୁପାଳନ ଓ ଯୋଜନା କର୍ତ୍ତୃପକ୍ଷଙ୍କ ଠାରୁ ଦଖଲ ପ୍ରମାଣପତ୍ର ପାଇବାରେ ବିଳମ୍ବ ଉପରେ ଆଲୋଚନା ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଦେବକାନ୍ତ ପଟ୍ଟନାୟକ ଓଡ଼ିଶା ରେରା ଅନୁପାଳନ ସଂକ୍ରାନ୍ତ ଆଲୋଚନା କରିଥିଲେ। ଏଥିସହିତ ଓଡ଼ିଶା ରିୟଲ ଇଷ୍ଟେଟ ଡେଭଲପର ସଂଘର ଏକ ପ୍ରତିନିଧ ଦଳ ଏବଂ ଏହାର କର୍ମକର୍ତ୍ତାମାନେ ଓଡ଼ିଶା ରେରାର ଚେୟାରମ୍ୟାନଙ୍କୁ ସାକ୍ଷାତକରି ସମସ୍ୟାର ସମାଧାନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ବୈଠକରେ ଆଲୋଚନା ହୋଇଛି। ତତ୍‌ସହିତ ଏହି ବୈଠକରେ ଯୋଜନା ଅଧିକାରୀଙ୍କ ଠାରୁ ଦଖଲ ପ୍ରମାଣପତ୍ର ପାଇବାରେ ଅନ୍ୟଥା ବିଳମ୍ବକୁ ନେଇ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସଂଗଠନର ଉପସଭାପତି ସମ୍ଭୁନାଥ ପତି ଚତୁର୍ଥ ଏଜେଣ୍ଡାରେ ନୂଆ କର୍ମକର୍ତ୍ତା କମିଟି ଏବଂ କାର୍ଯ୍ୟକାରୀ କମିଟି ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ସର୍ବସମ୍ମତି କ୍ରମେ ବିଜୟ କୁମାର ପାତ୍ର ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ଅଭୟ କୁମାର ସ୍ୱାଇଁ ଏବଂ ସମ୍ଭୁନାଥ ପତି ରହିଛନ୍ତି। ସେହିଭଳି ସମ୍ପାଦକ ଭାବେ ଦେବକାନ୍ତ ପଟ୍ଟନାୟକ ଏବଂ ଯୁଗ୍ମ ସମ୍ପାଦକ ଭାବେ ଶୁଭେନ୍ଦୁ ତ୍ରିପାଠୀ ଏବଂ ଅମରେଶ ପରିଡ଼ା ସ୍ଥାନୀତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ସୁଶିଲ ସରଳିଆଙ୍କୁ ଦାୟିତ୍ୱ ଦିଆଯାଇଛି।

● ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର

## 'ମଧୁରମ୍ ମଧୁରାଧିପତି' ଓ 'ମଣିମା ଶୁଣିମା ହେଉ' ଲୋକାର୍ପିତ





ଭୁବନେଶ୍ୱର, ୨୯ ।୧(ସମିସ): ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ମିଳିତ ଆନୁକୂଲ୍ୟରେ 'ଭାବର ଠାକୁର ଶ୍ରୀଜଗନ୍ନାଥ' ଶୀର୍ଷକ ୨୧୨ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମନୋଜ କୁମାର ମହାପାତ୍ର ଯୋଗଦେଇଥିବା ବେଳେ ଏଥିରେ ସଭାପତି ଡ. ଅଶୋକ କୁମାର ମହାପାତ୍ର ପୌରୋହିତ୍ୟ କରିଥିଲେ। ଏହି ସଭାରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ବନଜ ଦେବୀଙ୍କ ଭାବପୂର୍ଣ୍ଣ ଗଦ୍ୟପୁସ୍ତକ 'ମଣିମା ଶୁଣିମା ହେଉ' ଓ ଚିତ୍ରଶିଳ୍ପୀ ବଳଦେବ ମହାରଥୀଙ୍କ ଚିତ୍ର ଓ ଗଦ୍ୟର ପୁସ୍ତକ 'ମଧୁରମ୍ ମଧୁରାଧିପତି' ପୁସ୍ତକ ସଭାରେ ଲୋକାର୍ପିତ ହୋଇଥିଲା। ଏହି ଅବସରରେ ମୁଖ୍ୟବକ୍ତା ଅସିତ ମହାନ୍ତି ଦୁଇଟି ପୁସ୍ତକର ସମୀକ୍ଷା କରିଥିଲେ। ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିଲା ବେଳେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରାଫିକ ଥାନା ଆଗରେ ବେଆଇନ୍ କାମ

# ସଚେତନତା ନାଁରେ ନିମ୍ନମାନର ହେଲ୍‌ମେଟ୍ ବଣ୍ଟନ

ଭୁବନେଶ୍ୱର, ୨୯।୧(ସମିସ): ଟ୍ରାଫିକ୍ ଥାନା ଆଗରେ ନିମ୍ନମାନର ହେଲେମେଟ୍ ବାଣ୍ଟି ସଚେତନତା। ସବୁ ଦେଖି ପୁଲିସ ଚୁପ୍‌ଚାପ ରହିଲା। ବଣ୍ଟା ହେବାକୁ ଥିବା ହେଲେମେଟ୍‌ରୁ ପ୍ରଥମେ ଟ୍ରାଫିକ ଥାନାର କିଛି ସଦସ୍ୟ ନିଜ ପାଇଁ ୪-୫ଟି ହେଲମେଟ୍ ନେଇଗଲେ। ଏହାପରେ ସଚେତନତା ନାଁରେ ଗୋଟିଏ ସଂସ୍ଥା ନିମ୍ନମାନର ହେଲେମେଟ୍ ବାଣ୍ଟି ଚାଲିଲା। ଯଦିଓ ବଣ୍ଟନକାରୀ ସଂସ୍ଥାର କୌଣସି ମନ୍ଦ ଉଦ୍ଦେଶ୍ୟ ନ ଥିଲା, ହେଲେ ଯେଉଁ ବ୍ୟକ୍ତି ବିଶେଷମାନେ ଏହି ହେଲେମେଟ୍ ନେଲେ ସେମାନଙ୍କ ସୁରକ୍ଷା ପ୍ରତି ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୁରୁବାର ସକାଳୁ ଭୁବନେଶ୍ୱର ଏଜି ଛକ ସ୍ଥିତ ଟ୍ରାଫିକ ଥାନା-୧ ନିକଟରେ ଗୋଟିଏ ଅନୁଷ୍ଠାନର କିଛି ଛାତ୍ରାଛାତ୍ରୀ ଓ କର୍ତ୍ତୃପକ୍ଷ ରୁଣ୍ଡ ହୋଇଥିଲେ। ସେମାନେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ହେଲମେଟ୍ ଓ କିଛି ଗୋଲପ ଫୁଲ ଆଣିଥିଲେ। ଟ୍ରାଫିକ୍ ଥାନା ଆଗରେ ଠିଆ ହୋଇ ଯେଉଁମାନେ ଏହି ରାସ୍ତାରେ ବିନା ହେଲମେଟ୍‌ରେ ଆସିଥିଲେ ସେମାନଙ୍କୁ ଗୋଟିଏ ହେଲମେଟ୍ ଓ ଗୋଲାପଟିଏ ଦେଇ ହେଲ୍‌ମେଟ ପିନ୍ଧିବାକୁ ସଚେତନ କରାଇଥିଲେ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଟ୍ରାଫିକ ଥାନା ପୁଲ୍‌ସ ନିଜ କାର୍ଯ୍ୟାଳୟ ସାମନାରେ ରହି ଏହି ସମସ୍ତ ଦୃଶ୍ୟ ଦେଖୁଥିଲେ ମଧ୍ୟ କେଉଁମାନର ହେଲମେଟ୍ ଏଠାରେ ବଣ୍ଟନ ତାହା ଜାଣିବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ।





ବାଇକ ଚାଳକମାନେ ନିଜ ନିଜର ସୁରକ୍ଷା ନିମିତ୍ତ ପିନ୍ଧୁଥିବା ହେଲମେଟରେ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡର (ବିଆଇଏସ୍) ମାର୍କ ରହିବା ଅତ୍ୟନ୍ତ ଜରୁରୀ। ସେହିପରି ଆଇନଗତ ଭାବେ ଆଇଏସଆଇ ମାର୍କ ନ ଥିଲେ ସେହି ହେଲମେଟଗୁଡ଼ିକ ବଜାରରେ ବିକ୍ରି ହେବା ନିଷିଦ୍ଧ ଓ ଏହାକୁ ବକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି। ହେଲେ ଏହା ସତ୍ତ୍ୱେ ଟ୍ରାଫିକ ଥାନା-୧ ଆଗରେ ଏଭଳି ନିମ୍ନମାନର ହେଲମେଟ୍ ବଣ୍ଟନକାରୀଙ୍କୁ ଥାନା କର୍ତ୍ତୃପକ୍ଷ ରୋକି ନ ଥିଲେ। ବର୍ତ୍ତମାନ ବଜାରରେ ଶସ୍ତାରେ ବିନା ଆଇଏସଆଇ ମାର୍କା ହେଲମେଟ ବ୍ୟାପକ ଭାବେ ବିକ୍ରି ହେଉଛି, ଯାହାକି ସଡ଼କ ସୁରକ୍ଷା କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ନକଲି ହେଲମେଟ ବା ବିନା ଆଇଏସଆଇ ହେଲମେଟ ଗୁଡ଼ିକ ନିମ୍ନମାନର ହୋଇଥିବାରୁ ଓ ଏଥିରେ ଆଘାତ ପ୍ରତିରୋଧ ଶକ୍ତି ନଥିବାରୁ ଗାଡ଼ି ଚାଳକ ଦୁର୍ଘଟଣା ସମୟରେ ମୃତ୍ୟୁମୁଖରେ ପଡ଼ୁଛନ୍ତି। ଏହି ନକଲି ହେଲମେଟ୍ ବିକ୍ରି ଓ ଗ୍ରାହକମାନଙ୍କୁ ଏଥିରୁ ରକ୍ଷା କରିବାକୁ ଅନେକ ସମୟରେ ପରିବହନ ବିଭାଗ ସଚେତନତା ମଧ୍ୟ କରୁଛି। ହେଲମେଟ୍ ଭାଙ୍ଗି ଲୋକଙ୍କୁ ସଚେତନ କରାଯିବା ସହିତ ଏସ୍‌ଟିଏ ପକ୍ଷରୁ ନିୟମିତ ବ୍ୟବଧାନରେ ସୋସିଆଲ ମିଡିଆରେ ମଧ୍ୟ ଏ ସମ୍ପର୍କରେ ଭିଡିଓ ପୋଷ୍ଟ କରାଯାଉଛି। ମାତ୍ର କିପରି ସ୍ଥିତିରେ ଭୁବନେଶ୍ୱରର ଏକ ପ୍ରମୁଖ ସ୍ଥାନରେ ସଚେତନତା ନାଁରେ ବାହାବା ନେବାକୁ ଗୋଟିଏ ସଂସ୍ଥା ଏହି ନକଲି ହେଲମେଟ୍ ବାଣ୍ଟୁଥିଲେ ମଧ୍ୟ ପୁଲିସ ଚୁପ ରହିଲା ତାକୁ ନେଇ ପ୍ରଶ୍ନ ଉଠିଛି।

